**ସଂକ୍ଷେପରେ**

## ସଂଗ୍ରାମୀ ନେତା ଏନ୍. ଅହମ୍ମଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ନବରଙ୍ଗପୁର/ପାପଡାହାଣ୍ଡି, ୧୯।୧୦ (ବି.ପ୍ର.)- ସଂଗ୍ରାମୀ ନେତା, ପୂର୍ବତନ ସରକାରୀ ଓକିଲ ଏବଂ ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ସଭାପତି ଏନ୍. ଅହମ୍ମଦଙ୍କ ପ୍ରତିମୂର୍ତ୍ତି ପାପଡ଼ାହାଣ୍ଡି ରାଜମିସ୍ତ୍ରି ସଂଘ କାର୍ଯ୍ୟାଳୟ ପରିସରରେ ସ୍ଥାପନ କରାଯାଇଛି। ଜିଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ପାପଡ଼ାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ, ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମପ୍ରସାଦ ପାତ୍ର, ସାମାଜିକ କର୍ମୀ ବି. ଜଗନମୋହନ ରାଓ, ଅବସରପ୍ରାପ୍ତ ଶିକ୍ଷକ ଈଶ୍ୱର ପଟ୍ଟନାୟକ, ନୂଆପଡା ସରକାରୀ ଓକିଲ ମହମ୍ମଦ ଆକମଲ ସରିଫ୍, ଜିଲା ରାଜମିସ୍ତ୍ରି ସଂଘ ସଭାପତି ବିପିନ ନାଗ, ପାପଡ଼ାହାଣ୍ଡି ସଂଘ ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ରାଜମିସ୍ତ୍ରିଙ୍କ ସମସ୍ୟାର ପ୍ରତିକାର, ଗରିବ ମହକିଲଙ୍କୁ ମାଗଣା ଆଇନ ସହାୟତା ପ୍ରଦାନ, ଜିଲାର ସମସ୍ତ ସମସ୍ୟାର ସମାଧାନ କ୍ଷେତ୍ରରେ ଏନ୍. ଅହମ୍ମଦଙ୍କ ଅବଦାନ ଅନନ୍ୟ ଥିଲା। ତାଙ୍କ ପଦାଙ୍କ ଅନୁସରଣ କରି ସମସ୍ତଙ୍କୁ ସହାୟତା କଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ସରକାରୀ ଆଇନଜୀବୀ ସିରାଜୁଦ୍ଦିନ ଅହମ୍ମଦ ମଞ୍ଚ ପରିଚାଳନା କରିଥିଲେ। ଦିବଂଗତ ରାଜମିସ୍ତ୍ରି ସଂଘର ପରିବାରର ଛୋଟ ସଦସ୍ୟମାନଙ୍କୁ ସଂଘ ପକ୍ଷରୁ ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଇନଜୀବୀ ରାଜ କିଶୋର ନାଗ ଧନ୍ୟବାଦ ଦେଇଥିଲେ। କିଶୋର ପଟ୍ଟନାୟକ, ସୁଦର୍ଶନ ପାତ୍ର, ସଞ୍ଜୟ ପ୍ରଦୀପ ସୁନା, ଅମର ବିଷୋୟୀ, ଆସେର୍ ଜାନୀ, ଅନିଲ ଦୀନବନ୍ଧୁଙ୍କ ସମେତ ରାଜମିସ୍ତ୍ରି ସଂଘ ସଦସ୍ୟ ଉପସ୍ଥିତ ଥିଲେ।

## ଭାଜପାର ମିଶ୍ରଣ ପର୍ବ

ରାଇଘର, ୧୯।୧୦(ଡି.ଏନ୍.ଏ.)- ରାଇଘର ବ୍ଲକ ଟିମନପୁର ପଞ୍ଚାୟତ ହାଟ ପଡିଆରେ ଭାଜପା ପକ୍ଷରୁ ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଓ କଂଗ୍ରେସରୁ ଶତାଧିକ କର୍ମୀ ଭାଜପାରେ ଯୋଗ ଦେଇଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ଓ ଉମରକୋଟ ବିଧାୟକଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିବା ସେମାନେ କହିଛନ୍ତି। ମୁଖ୍ୟଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ବ୍ଲକ ଅଧକ୍ଷା ବିନ ଗଣ୍ଡ, ପୂର୍ବତନ ରାଜ୍ୟ ଯୁବ ମୋର୍ଚ୍ଚା କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର, ରାଇଘର ବ୍ଲକ ବିଧାୟକ ପ୍ରତିନିଧି ଶିବନାଥ ବାନାର୍ଜୀ, ଜିଲା ପରିଷଦ ସଭ୍ୟ ସୁଦର୍ଶନ ମାଝୀ, ଜିଲା ପରିଷଦ ସଭ୍ୟା ପ୍ରୀତିସ୍ମିତା ମହାପାତ୍ର, ଦେଉକୁମାରୀ ଗଣ୍ଡ, ପୁନିତା ଗଣ୍ଡ, ସରପଞ୍ଚ ମନସୁରାମ ଗଣ୍ଡ, ବାସନ୍ତୀ ମାଝି, ସ୍ଥାନୀୟ ସରପଞ୍ଚ ଓ ମଣ୍ଡଳ ସଭାପତି ମନୋହର ଦଣ୍ଡସେନା, ଶିବ କୁମାର ଗଣ୍ଡ, ମାୟାରାମ ଗଣ୍ଡ, ଶରତ ଜେନା, ରାଇଘର ବ୍ଲକ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ଟିମନପୁର, ଜୋଡିଙ୍ଗା, ଗୋନା, କୁମୁଲି, ମୁଣ୍ଡିବେଡ଼ା ଓ ରାଇଘର ପଞ୍ଚାୟତର କର୍ମୀ ଓ ନୂଆ ଭୋଟର ଯୋଗ ଦେଇଥିଲେ।

## ଦାୟିତ୍ୱ ନେଲେ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ

କୋରାପୁଟ, ୧୯।୧୦(ସ୍ୱ.ପ୍ର.)
କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଭାବେ ଡ. ଜଗବନ୍ଧୁ ସାମଲ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସନ୍ତା ୨ ମାସ ମଧ୍ୟରେ କମିଟିର ନିର୍ବାଚନ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଗତ ୧୭ ତାରିଖରେ ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକର ନିଷ୍ପତ୍ତି ମୁତାବକ ପୂର୍ବତନ ସମ୍ପାଦକ ଗଦାଧର ପରିଡ଼ାଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିଲା। ସୋମବାର ରାତ୍ରିରେ ଗଦାଧର ନିଜ ପଦରୁ ଇସ୍ତଫା ଦେଇଥିବା ନୂତନ ସମ୍ପାଦକ ସୂଚନା ଦେଇଛନ୍ତି। ମଙ୍ଗଳବାର ନୂତନ ସମ୍ପାଦକ ଶାବର ଶ୍ରୀକ୍ଷେତ୍ରକୁ ଯାଇ ଦାୟିତ୍ୱ ଗ୍ରହଣ କରିବା ପରେ କମିଟିର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ୨ ମାସ ମଧ୍ୟରେ କମିଟିର ନିର୍ବାଚନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ପରେ ମନ୍ଦିର କମିଟି ନିର୍ବାଚନ ନେଇ ଲାଗି ରହିଥିବା ବିବାଦ ବର୍ତ୍ତମାନ ଏକ ପ୍ରକାର ଅନ୍ତ ହେବାକୁ ଯାଉଛି।

# ପାନୀୟଜଳ ସମସ୍ୟା ସମାଧାନ ଆଶା ସଞ୍ଚାର କରିଛି ନିର୍ମାଣାଧୀନ ପ୍ରକଳ୍ପ

ଉମରକୋଟ, ୧୯।୧୦(ସ୍ୱ.ପ୍ର.)

ଉମରକୋଟ ୱାର୍ଡ ନଂ. ୮ ଡୁଙ୍ଗୁରିସାହିରେ ନିର୍ମାଣ ଚାଲିଛି ୬୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାନୀୟଜଳ ପ୍ରକଳ୍ପ। ଉକ୍ତ ପ୍ରକଳ୍ପ କାମ ସରିବା ସହ ଏହା କାର୍ଯ୍ୟକ୍ଷମ ହେଲେ ପୌରାଞ୍ଚଳର ପ୍ରାୟ ୪୦ ହଜାର ଲୋକେ ଏଥିରେ ଉପକୃତ ହେବେ। ଅଞ୍ଚଳରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଖରାଦିନେ ଉମରକୋଟରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରେ। ବିଭିନ୍ନ ସମୟରେ ଲୋକେ ଜଳ ସମସ୍ୟାକୁ ନେଇ ରାସ୍ତାରୋକୋ ସହ ହାଣ୍ଡି ମାଠିଆ ଧରି ବିକ୍ଷୋଭ କରିଥାନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୨୨.୨୩ କୋଟି ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା। ୨୦୧୭ ଡିସେମ୍ବରରେ ଉପରୋକ୍ତ ପାନୀୟ ଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପର ବିଶେଷତ୍ୱ ଭାସ୍କେଲ ଡ୍ୟାମ୍‌ରୁ ପାଣି ପାଇପ ଯୋଗେ ଆସିବା ପରେ ଏଠାରେ ପ୍ୟୁରିଫାଏ କରାଯାଇ ପୁନଶ୍ଚ ପାଇପ ଯୋଗେ ଲୋକମାନଙ୍କ ପାଖରେ ପହଞ୍ଚାଯିବ। ପାଣି ଆଣିବା ପାଇଁ ଦୀର୍ଘ ୧୬.୩ କିଲୋମିଟର ପାଇପ ବିଛାଯାଇଛି। ଏହାର ସୁବିଧା ଅନେକ ଦିନ ପୂର୍ବରୁ ପାଇବା କଥା, କିନ୍ତୁ ବିଭିନ୍ନ ସମସ୍ୟା ଓ ଜଳ ବିଭାଗ ଅଧିକାରୀଙ୍କ ତାଳମେଳର ଅଭାବ ଯୋଗୁ ଏଯାଏ ଉକ୍ତ କାର୍ଯ୍ୟ ସରିପାରିନାହିଁ। ଭାସ୍କେଲ ଡ୍ୟାମ୍ ପାଣିରେ ପ୍ରତିବର୍ଷ ପାଖାପାଖି ୧୦୦୦ ହେକ୍ଟର ଚାଷଜମି ଜଳସେଚିତ କରାଯାଏ। ଏହି ଜଳ ପ୍ରକଳ୍ପ ହେବାଦ୍ୱାରା ଚାଷଜମିରେ ପ୍ରଭାବ ପଡ଼ିବ ନାହିଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଓ ଚିରଞ୍ଜୀବ ମହାଲିକ କହିଛନ୍ତି। ଯଦି ପର୍ଯ୍ୟାପ୍ତ ବର୍ଷା ନ ହୁଏ ଓ ବର୍ଷାଜଳକୁ ଆୟତ୍ତ କରା ନ ଯାଏ ତା'ହେଲେ ୧୦ ରୁ ୨୦ ହେକ୍ଟର ଜମିରେ ଚାଷ କ୍ଷତିଗ୍ରସ୍ତ ହେବା ସମ୍ଭାବନା ଅଛି ବୋଲି ଏକ ଆକଳନ କରା ଯାଇଥିବା ଜଳସେଚନ ବିଭାଗ ଏସ୍‌ଡିଓ ନିରଞ୍ଜନ ସାହୁ କହିଛନ୍ତି। ପ୍ରକଳ୍ପ କାମ ଆରମ୍ଭ ପୂର୍ବରୁ ଚାଷୀ ଓ ପାଣିପାଞ୍ଚାୟତବାସୀ ଏହାକୁ ବିରୋଧ କରିଥିଲେ। କିନ୍ତୁ ସରକାର ପିଇବା ପାଣିକୁ ପ୍ରଥମ ଗୁରୁତ୍ୱ ଦେଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି।



ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ।

## କୁକୁଡାଗାଲିରେ ପୋଲିସ ଚଢ଼ାଉ



ଜୟପୁର ୧୯।୧୦(ନି.ପ୍ର.)
କୁକୁଡ଼ାଗାଲି ଖେଳ ଚାଲିଥିବା ଖବରପାଇ ପୋଲିସ ଚଢ଼ାଉ କରିଛି। ଘଟଣାସ୍ଥଳରୁ ୧୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନାନୁଯାୟୀ, ଜୟପୁର ସଦର ଥାନା ଅଧୀନ କୁନ୍ତର ଖାଲ ଜଙ୍ଗଲରେ କୁକୁଡାଗାଲି ଖେଳ ଚାଲୁଥିବା ନେଇ ପୋଲିସ ଖବର ପାଇଥିଲା। ଏହାପରେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ୧୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୧୧ ହଜାର ୭୨୦ ଟଙ୍କା, ୧୨ଟି ବାଇକ୍, ୨ଟି କୁକୁଡ଼ା ଜବତ କରାଯାଇଛି। ଏ ନେଇ ସଦର ଥାନାଧିକାରୀ ଆଦିତ୍ୟ ମହାକୁଡ଼ ସୂଚନା ଦେଇଛନ୍ତି।

## ପେନାଲ୍ଟି ସୁଟ୍‌ଆଉଟ୍‌ରେ ବାଜି ମାରିନେଲା ଚଢ଼େଇଗୁଡା

ଉମରକୋଟ, ୧୮।୧୦(ସ୍ୱ.ପ୍ର.)

**ମା ସରଗୀ ବୁନ୍ଧିଆଣି ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଖାଣ୍ଡା ପଞ୍ଚାୟତର ସାନକୁମାରୀ ଆଦିବାସୀ ଗ୍ରାମ ସ୍କୁଲ ପଡ଼ିଆରେ ଚାଲିଥିବା ମା' ସରଗୀ ବୁନ୍ଧିଆଣି ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚଢ଼େଇଗୁଡ଼ା ଓ ଦର୍ଗାଗୁଡ଼ା ପରସ୍ପରକୁ ଭେଟିଥିଲେ। ପେନାଲ୍ଟି ସୁଟ୍‌ଆଉଟ୍‌ରେ ଚଢ଼େଇଗୁଡ଼ା ବିଜୟୀ ହୋଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାପି ଶିଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ମୋଟ ୨୬ଟି ଦଳ ସାମିଲ ହୋଇଥିଲେ। ଫାଇନାଲ ମ୍ୟାଚରେ ଚଢ଼େଇଗୁଡା ଓ ଦର୍ଗାଗୁଡା ପରସ୍ପରକୁ ଭେଟିଥିଲେ। ପେନାଲ୍ଟି ସୁଟ୍‌ଆଉଟ୍‌ରେ ୩-୨ରେ ଚଢ଼େଇଗୁଡା ବିଜୟୀ ହୋଇଥିଲା। ବିଜୟୀ ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ରନର୍ସଅପ୍ ଦଳକୁ ୮ ହଜାର ଟଙ୍କା ଓ ଟ୍ରଫି ମିଳିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢ଼ୀ ମୁଖ୍ୟ ଅତିଥି, ବ୍ଲକ୍ ବିଜେଡି ସଭାପତି ମନୋଜ କୁମାର ଧଳ, ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ବାପି ଶିଲ, ସଞ୍ଜୟ ଗୁପ୍ତା, ବାସୁଦେବ ପୂଜାରୀ, ରବି ସୁନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ସଭାପତି ଦଶ ଜାନୀ, ଉପସଭାପତି ରଘୁନାଥ ଗଣ୍ଡ, କୋଷାଧ୍ୟକ୍ଷ ଘେନୁଆ ଗଣ୍ଡ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ବିଜୟୀ ଦଳ ପୁରସ୍କାର ଗ୍ରହଣ କରୁଛି।

## ଗଞ୍ଜେଇ ଚାଲାଣ ରୋକିବାକୁ ପ୍ରବେଶ ପଥରେ ଜଗିବ ପୋଲିସ



ଚେକ୍‌ପୋଷ୍ଟରେ ୨ଜଣ ପୋଲିସ ଜଗି ରହିଛନ୍ତି ।

ଜୟପୁର ୧୯।୧୦(ନି.ପ୍ର.)

ଜୟପୁର ଦେଇ ବାହାର ରାଜ୍ୟକୁ ଟନ୍ ଟନ୍ ଗଞ୍ଜେଇ ଚାଲାଣ ହେଉଛି। ଦୈନିକ ଜୟପୁର ସଦର ପୋଲିସ ଗଞ୍ଜେଇ ଜବତ କରି ଚାଲାଣକାରୀଙ୍କୁ ଗିରଫ କରୁଛନ୍ତି। ତଥାପି ମଧ୍ୟ ଚାଲାଣକାରୀ ବିଭିନ୍ନ ଉପାୟରେ ବାହାର ରାଜ୍ୟକୁ ଗଞ୍ଜେଇ ପଠାଉଛନ୍ତି। ଏଥିରେ ରୋକ ଲଗାଇବାକୁ ସହର ପ୍ରବେଶ ପଥ ସତୀ ନଦୀ ନିକଟରେ ଜିଲା ପୋଲିସ ନିର୍ଦ୍ଦେଶରେ ନାକାବନ୍ଦି କରାଯାଇଛି। ୨୪ ଘଣ୍ଟା ସେଠାରେ ପୋଲିସ ମୁତୟନ ରହି ସହରକୁ ପ୍ରବେଶ କରୁଥିବା ଗାଡ଼ିକୁ ଯାଞ୍ଚ କରିବେ। କୋରାପୁଟର ମାଛକୁଣ୍ଡ, ଲମତାପୁଟ, ଜଲାପୁଟ ସହ ମାଲକାନଗିରି ଜିଲାରୁ ଗଞ୍ଜେଇ ଆଣି ଜୟପୁର ଦେଇ ଛତିଶଗଡ, ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶ ଚାଲାଣ ହେଉଛି। ଛତିଶଗଡ ମୁଖ୍ୟମନ୍ତ୍ରୀ ଗଞ୍ଜେଇ ଚାଲାଣ ପାଇଁ ଓଡ଼ିଶା ସରକାରଙ୍କୁ ଦାୟୀ କରିଥିବା ବେଳେ ଏହାପରେ ଜୟପୁରର ସମସ୍ତ ପ୍ରବେଶ ପଥରେ ୨୪ ଘଣ୍ଟା ପୋଲିସ ଜଗିବ। ଜିଲା ପୋଲିସର ଏହି ପଦକ୍ଷେପ ପରେ ଗଞ୍ଜେଇ ଚାଲାଣକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି।

## ନବରଙ୍ଗପୁରରେ ମା' ଗଜଲକ୍ଷ୍ମୀଙ୍କ ପୂଜା

ନବରଙ୍ଗପୁର,୧୯।୧୦(ବି.ପ୍ର.)
ନବରଙ୍ଗପୁର ସହର ତେଲିସାହିରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ଏଠାରେ ଦୀର୍ଘ ୨୦ ବର୍ଷ ହେବ ମା' ଗଜଲକ୍ଷ୍ମୀ ପୂଜା ପାଇଆସୁଛନ୍ତି। ମା' ଗଜଲକ୍ଷ୍ମୀ ପୂଜା କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ ନେତୃତ୍ୱ ନେବା ସହ ପୂଜାର୍ଚ୍ଚନା ଚାଲୁଥିବା ସୂଚନା ମିଳିଛି। କୋଭିଡ୍ ନିୟମ ଅନୁଯାୟୀ ୪ ଫୁଟର ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଉଛି। ଗୋରାମୁଣ୍ଡା ପୋଖରୀରୁ ପାଣି ଆଣି ମହିଳାମାନେ କଳସ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ପରେ ସେଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଇଛି। କୁମୁଦ ନାୟକ ଓ ତାଙ୍କ ସ୍ତ୍ରୀ କାଦମ୍ବିନୀ ସାହୁ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ସହର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପୂର୍ବକ ଆଶୀର୍ବାଦ ଲାଭ କରିଛନ୍ତି।

## ଶାରଦୀୟ ବିଶେଷାଙ୍କ 'ଚନ୍ଦନଧାରା' ଲୋକାର୍ପିତ



ଉମରକୋଟ, ୧୯।୧୦(ସ୍ୱ.ପ୍ର.)
ହିମାଂଶୁ ଆଚାରୀଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ରାଜ୍ୟସ୍ତରୀୟ ସାହିତ୍ୟ ପତ୍ରିକା 'ଚନ୍ଦନଧାରା'ର ଶାରଦୀୟ ବିଶେଷାଙ୍କ ଉମରକୋଟସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରେ ଲୋକାର୍ପିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାବେଶରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସିଡିଏମ୍‌ଓ ସୁରେନ୍ଦ୍ରନାଥ ଦାଶ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ବିଇଓ ଉମେଶ ଚନ୍ଦ୍ର ଭୁକ୍ତା, ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି, ଖବରଦାତା ନଳିନୀ ରଞ୍ଜନ ମିଶ୍ର, ଅଧ୍ୟାପକ ପରିକ୍ଷିତ ସାହୁ ଅତିଥିଭାବେ ଉପସ୍ଥିତ ଥିଲେ। ଦାସିଆ ସାଂସ୍କୃତିକ ପରିଷଦ ସଭାପତି ଟୁଟୁବାବୁ ପଟ୍ଟନାୟକ ପତ୍ରିକାର ସମୀକ୍ଷା କରିଥିଲେ। ଅଧ୍ୟାପିକା ଇଂ ଚନ୍ଦନା ମଲ୍ଲିକ ପ୍ରାରମ୍ଭିକ ସଂଗୀତ ଓ ଶ୍ଳୋକ ପାଠ କରିଥିଲେ। କବୟିତ୍ରୀ ମନୋରମା ମହାପାତ୍ର ଚନ୍ଦନଧାରା ଉପରେ ଲିଖିତ କବିତା ଆବୃତ୍ତି କରିଥିଲେ। ଉମରକୋଟ, ରାଇଘର, ଧୋଡ୍ରା, ଝରିଗାଁ ଓ ଚନ୍ଦାହାଣ୍ଡି ଅଞ୍ଚଳରୁ ଶତାଧିକ ଲେଖକ ଲେଖିକା ଏଥିରେ ସାମିଲ ହୋଇଥିଲେ। ଶ୍ରୀନିବାସ ପଟ୍ଟନାୟକ, ଗଣେଶ ପ୍ରସାଦ ରଣା, ସମୀର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିଲ୍ଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଜୈବ କୃଷି କ୍ଷେତ୍ରର ମୁଖଶାଳା ହେବ ନବରଙ୍ଗପୁର

ନବରଙ୍ଗପୁର,୧୯।୧୦(ବି.ପ୍ର.)

**ଦକ୍ଷିଣ ଓଡିଶାର ପ୍ରଥମ ଅତ୍ୟାଧୁନିକ ଜୈବସାର ଉତ୍ପାଦନ ଶିଳ୍ପର ଶୁଭାରମ୍ଭ**

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରକଳ୍ପ ମାଧ୍ୟମରେ ମଙ୍ଗଳବାର ନନ୍ଦାହାଣ୍ଡି ବ୍ଲକର ସରୁଗୁଡାରେ ଦକ୍ଷିଣ ଓଡିଶାର ପ୍ରଥମ ଅତ୍ୟାଧୁନିକ ଜୈବସାର ଉତ୍ପାଦନ ଶିଳ୍ପର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରସାୟନ ସାର ବ୍ୟବହାର କମ୍ କରିବାକୁ ପରାମର୍ଶ ଦେଇଥିଲେ। ଜୈବ ସାର ବ୍ୟବହାର କରି ଜୈବିକ ପଦ୍ଧତିରେ ଚାଷ କରିବା ଦିଗରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ଜୈବସାର ବ୍ୟବହାର ଦ୍ୱାରା ନବରଙ୍ଗପୁର ଜିଲା ଆସନ୍ତା ଦିନରେ ଜୈବ କୃଷି କ୍ଷେତ୍ରରେ ମୁଖଶାଳା ହୋଇ ପାରିବ ବୋଲି ବିଧାୟକ ପ୍ରଧାନୀ ମତ ଦେଇଛନ୍ତି।

କୃଷି ପ୍ରଧାନ ଜିଲା ନବରଙ୍ଗପୁରରେ ଛୋଟ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ଦିଗରେ ଅନେକ ସମ୍ଭାବନା ରହିଛି। ଜୈବସାର ଉତ୍ପାଦନ ଶିଳ୍ପର ଶୁଭାରମ୍ଭ ଦ୍ୱାରା ଅନେକ ଆତ୍ମନିର୍ଭରଶୀଳ ହେବାସହ ଅନ୍ୟକୁ ରୋଜଗାର ଦେଇ ପାରିବେ ବୋଲି ଜିଲାପାଳ ଅଜିତ୍ କୁମାର ମିଶ୍ର କହିଛନ୍ତି। ଆସନ୍ତା ତିନି ବର୍ଷ ପାଇଁ ଉମା ଶଙ୍କର ସବୁଜ ଦୁନିଆ ଉଦ୍ୟୋଗକୁ ନୂତନ ଜ୍ଞାନ କୌଶଳର ସହାୟତା ପ୍ରଦାନ କରାଯିବ। ଏଥି ସହିତ ବିଭିନ୍ନ ଗ୍ରାମରେ ଜୈବ ସାର ବ୍ୟବହାର ନିମନ୍ତେ ପଦକ୍ଷେପ ନେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ଲକ୍ଷ୍ନୌର ମୁଖ୍ୟ ବୈଜ୍ଞାନିକ ଡ. ଶ୍ରୀକୃଷ୍ଣ ତିୱାରୀ କହିଛନ୍ତି। ଜିଲାରେ ଜୈବ ସାର ବ୍ୟବହାର ବୃଦ୍ଧି ପାଇବା ସହ ଜୈବିକ ପଦ୍ଧତିରେ ପନିପରିବା, ଫଳ ଚାଷ ଉପରେ ନୂତନ ସମ୍ଭାବନା ଆଣିପାରିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ପ୍ରଦୋଷ କୁମାର ପଣ୍ଡା, ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ କମଳ ଲୋଚନ ନାୟକ, ଜିଲା ଶିକ୍ଷାଧିକାରୀ ଏ.ବି. ସୁବୁଦ୍ଧି, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ର ପ୍ରଧାନ ବୈଜ୍ଞାନିକ ଡ. ପୁନିତ୍ ସିଂ ଚୌହାନ, ଓରମାସ୍ ଉପ କାର୍ଯ୍ୟନିର୍ବାହୀ ଏ. ଉମା ମହେଶ, ବିଜ୍ଞାନ ଓ କାରିଗରୀ ବିଦ୍ୟା ପ୍ରକଳ୍ପର କ୍ରିୟାନ୍ୱୟନ କମିଟିର ସଦସ୍ୟ ଲକ୍ଷ୍ମୀ ନାରାୟଣ ବକ୍ସି ଉପସ୍ଥିତ ଥିଲେ। ଉମା ଶଙ୍କର ସବୁଜ ଦୁନିଆର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ କୃଷଚନ୍ଦ୍ର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

## ଉଦ୍‌ଘାଟନି ମ୍ୟାଚ୍‌ରେ ଉସକାଗୁଡ଼ା ଟିମ୍ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଏମ୍‌ଭି ୭୯,(ଡି.ଏନ୍.ଏ)

**ଟାମାନପାଲ୍ଲୀରେ ଆନ୍ତଃରାଜ୍ୟ ମହିଳା ଫୁଟବଲ ଟୁର୍ନାମେଣ୍ଟ**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଉପାନ୍ତ ଆଦିବାସୀ ଗ୍ରାମ ଟାମାନପାଲ୍ଲୀଠାରେ ପ୍ରଥମ ଥର ପାଇଁ ଆନ୍ତରାଜ୍ୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରତେକ ଜିଲାରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନି ମ୍ୟାଚ୍ ଜାକାଲଗୁଣ୍ଡି ଏବଂ ଉସକାଗୁଡ଼ା ମଧ୍ୟରେ ହୋଇଥିଲା। ଏଥିରେ ଉସକାଗୁଡ଼ା ବିଜୟୀ ହୋଇଛି। ଟାମାନପଲ୍ଲୀ ଗ୍ରାମସ୍ଥିତ ଷ୍ଟାଡିୟମରେ ଯୁବଗୋଷ୍ଠୀଙ୍କ ପ୍ରଚେଷ୍ଟାରେ ଏହି ଖେଳ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନିକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି, ବଜା ମାଡକାମୀ, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ ପ୍ରମୁଖ ଯୋଗ ଦେଇଥିଲେ। ସୁରେଶ ମାଡ଼ି ରେଫ୍ରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସୁରେନ୍ଦ୍ର ମାଡ଼ି, ଦିନେଶ ସାଲବମ, ରାହୁଲ ମାଡକାମୀ, କୁନା ସାଲବମ, ସିଙ୍ଗା ମାଡ଼ି ପ୍ରମୁଖ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଏହି ଖେଳ ଆୟୋଜିତ ହୋଇଥିଲା। ୭ ଦିନ ଧରି ଟୁର୍ନାମେଣ୍ଟ ଚାଲିବ। ଫାଇନାଲ ମ୍ୟାଚ୍‌ରେ ଚାମ୍ପିୟନ ଟିମ୍‌କୁ ୫୦୦୦ ଟଙ୍କା ଏବଂ ରନର୍ସଅପ୍ ଟିମ୍‌କୁ ୪୦୦୦ ଟଙ୍କା ପୁରସ୍କାର ଦିଆଯିବ। ମ୍ୟାଚ୍ ଉପଭୋଗ କରିବାକୁ ଅଞ୍ଚଳର ଅନେକ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

## ଜିମ୍ ବିକାଶ ପାଇଁ ୧୫ ଲକ୍ଷ ଦେବ ମ୍ୟୁନିସିପାଲିଟି

କୋରାପୁଟ, ୧୯।୧୦(ସ୍ୱ.ପ୍ର.)
କୋରାପୁଟ ମ୍ୟୁନିସପାଲଟି ଜିମନା ଜିମ୍‌କୁ ମଙ୍ଗଳବାର ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବ୍ୟାୟାମ ସରଞ୍ଜାମ ଆସିଛି। ବ୍ୟାୟାମଶାଳା ପିଲାମାନେ ନିଜର ପକେଟ ଖର୍ଚ୍ଚରୁ ଏହି ସରଞ୍ଜାମ କ୍ରୟ କରିଥିବା ଜଣାଯାଇଛି। କିଣାଯାଇଥିବା ବ୍ୟାୟାମ ସାମଗ୍ରୀ ମଧ୍ୟରେ କେବୁଲ କ୍ରସର, ଲେଗ ପ୍ରେସ ମେସିନ, ଡମ୍ବଲସ୍ଟ, ଆଡ୍‌ଜଷ୍ଟେବୁଲ ବେଞ୍ଚ, ମେଡିସିନ ବଲ ସମେତ ଅନ୍ୟ ସାମଗ୍ରୀ ରହିଛି। ଏହି ନୂତନ ବ୍ୟାୟାମ ସାମଗ୍ରୀକୁ ମଙ୍ଗଳବାର ମ୍ୟୁନିସପାଲଟି ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଆସନ୍ତା ଦିନରେ ଜିମ ବିକାଶ ନିମନ୍ତେ ମ୍ୟୁନିସପାଲଟି ପକ୍ଷରୁ ୧୫ ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର କରାଯାଇଥିବା ସେ କହିଛନ୍ତି। ଏହି ଅବସରରେ ମ୍ୟୁନିସପାଲଟି ଜିମନାଜିମ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ସଦସ୍ୟ ଏସ୍‌କେ. ବାସୁ, ଶକ୍ତି ପଣ୍ଡା, ରମେଶ ପଲେଇ, ଅନିଲ ମାଛ, ଲକ୍ଷ୍ମଣ ସୁନା, ସଞ୍ଜୟ ନାଗଙ୍କ ସମେତ ବହୁ ସଦସ୍ୟମାନେ ଉପସ୍ଥିତ ରହିଥିଲେ।



ବ୍ୟାୟାମ ମେଶିନ୍ ଉଦ୍‌ଘାଟନ ଅବସରରେ ଅତିଥିମାନେ।

## ଧରାବତରଣ କଲେ ମା' ଗଜଲକ୍ଷ୍ମୀ





କୋରାପୁଟ ଜିଲା ବୈପାରୀଗୁଡ଼ା ଅଞ୍ଚଳର ଟାଙ୍ଗିନିଗୁଡ଼ାରେ ପୂଜା କରାଯାଉଛି। ନବରଙ୍ଗପୁର ତେଲ ସାହି।

## ଅବକାରୀ ଚଢାଉ, ଜଣେ ଗିରଫ

କୋଡିଙ୍ଗା,୧୯।୧୦(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଅବକାରୀ ବିଭାଗ ଓ କୋଡ଼ିଙ୍ଗା ପୋଲିସ ମିଳିତ ସହଯୋଗରେ ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇଛି। କୋଡ଼ିଙ୍ଗା ଥାନା ଅଧୀନ ବାଙ୍କିଗୁଡ଼ା, ଦୂରାଗାଁ ଓ ଦୁର୍କାଗୁଡା ଅଞ୍ଚଳରୁ ବିପୁଳ ପରିମାଣର ମଦ ଓ ପୋଚକୁ ନଷ୍ଟ କରିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦୂରାଗାଁ ଗ୍ରାମର ଡାଲିମ୍ବ ବିଶୋଇ। ଏହି ସମୟରେ ଅବକାରୀ ଓ ପୋଲିସ ୫୦ ଲିଟର ଦେଶୀ ରନ୍ଧାମଦ ଓ ପ୍ରାୟ ୧ ହଜାର ଲିଟର ମହୁଲପୋଚକୁ ନଷ୍ଟ କରିଛନ୍ତି। ଏହି ଚଢ଼ାଉରେ କୋଡ଼ିଙ୍ଗା ଅବକାରୀ ଉପନିରୀକ୍ଷକ ହର ପ୍ରସାଦ ରଣା, କୋଡ଼ିଙ୍ଗା ଅବକାରୀ ସହ ଉପନିରୀକ୍ଷକ ଜଗବନ୍ଧୁ ଜାନୀ, ରାଜେନ୍ଦ୍ର ପଟ୍ଟନାୟକ, କୋଡ଼ିଙ୍ଗା ଥାନା ଏଏସ୍‌ଆଇ ଗୌରଚନ୍ଦ୍ର ମିଶ୍ର, ଏଏସ୍‌ଆଇ ହରେକୃଷ୍ଣ ହନ୍ତାଳ, ଅବକାରୀ କନଷ୍ଟେବଳ ଆକ୍ରମ ଖାନ, ସନୁ ସେଠିଆ, ଗିନା ବଡ଼ନାୟକ, ଦେବେନ୍ଦ୍ର ସମରଥ ସାମିଲ ଥିଲେ।

# ମହମ୍ମଦ ଜୟନ୍ତୀରେ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ପ୍ରାର୍ଥନା


ମୁସ୍‌ଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇବାକୁ ଆସିଥିବା ଜୟପୁର ବିଧାୟକ ତାରା ବାହିନୀପତି ।


ଚନ୍ଦାହାଣ୍ଡିରେ ବାହାରିଥିବା ଶୋଭାଯାତ୍ରା ।

**ଜୟପୁର/ଚନ୍ଦାହାଣ୍ଡି, ୧୯।୧୦(ନି.ପ୍ର./ ଡି.ଏନ୍.ଏ.)**

■ ଜୟପୁରରେ ଶୋଭାଯାତ୍ରା ସହ କୁଇଜ୍ ପ୍ରତିଯୋଗିତା
■ ଚନ୍ଦାହାଣ୍ଡିରେ ଧାର୍ମିକ ପତାକା ଉତ୍ତୋଳନ, ଫାତିହା ପାଠ

କୋରାପୁଟ ଜିଲା ଜୟପୁର ସୁନ୍ନି ମୁସ୍‌ଲିମ ଅଞ୍ଜୁମନ କମିଟି ନେତୃତ୍ୱରେ କୋଭିଡ୍ ନିୟମ ଅନୁଯାୟୀ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସେଠାରେ ପହଞ୍ଚି ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ମୁସଲମାନମାନେ ବଡ଼ ରାତି ପାଳନ ସହ କୋରାନ ପାଠ କରିଥିଲେ। ଏହି ଅବସରରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ସିନିୟର ଓ ଜୁନିୟର ବିଭାଗରେ ୯୦ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ। ଉଭୟ ବିଭାଗର ପ୍ରଥମ ୩ଜଣଙ୍କୁ ସିଲ୍ ପ୍ରଦାନ କରାଯାଇଥିଲା। ସେହିଭଳି ଅନ୍ୟ ସମସ୍ତଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଛି। କୋଭିଡ୍ ନିୟମ ଅନୁଯାୟୀ ଜାମା ମସ୍‌ଜିଦରେ ପୁରୁଷ, ମଦିନାରେ ମହିଳାଙ୍କ ପାଇ ଦର୍ଶନ ବ୍ୟବସ୍ଥା କରାଯାଇଛି। ଜାମା ମସ୍‌ଜିଦରୁ ଏକ ଶୋଭାଯାତ୍ରା ବାହାରି ହାଇଦ୍ରାବାଦ ଲେନ୍, ତାରିଣୀଛକ, କେବିଏସ୍‌ଡି ରୋଡ୍, ମେନ୍‌ରୋଡ୍, ମୁଖ୍ୟ ଟ୍ରାଫିକ ଛକ ପରିକ୍ରମା କରି ପୁଣି ମସ୍‌ଜିଦରେ ପହଞ୍ଚିଥିଲା। କେବିଏସ୍‌ଡି ରୋଡ୍‌ରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ସମସ୍ତଙ୍କ ପାଇ ଜଳପାନର ବ୍ୟବସ୍ଥା କରାଯାଇଥିବାବେଳେ ତାରିଣୀ ଛକରେ ଥିବା ମୁସ୍‌ଲିମ ସମାଜ ସାଦି ଖାନାରେ ଭୋଜନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ମହମ୍ମଦ ହାନିପ, ହାଜି ସବିର ଖାନ, ଏମ୍‌ଡି ଇସାକ, ଏସ୍. ସିରାଜ, ଏମ୍‌ଡି ଆସିଫ, ଏସ୍‌କେ ରଫି ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ଏବଂ ବେହେରାମୁଣ୍ଡା ଜାମା ମସ୍‌ଜିଦ ପରିସରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୋହରା ମସ୍‌ଜିଦ ପରିସରରେ ଅଞ୍ଜୁମାନ ଇସ୍‌ଲାମିୟା କମିଟି ସଭାପତି ମହମ୍ମଦ ୟୁନୁସ ଓ ବେହେରାମୁଣ୍ଡା ମସ୍‌ଜିଦରେ ମହମ୍ମଦ ଜିନ୍ନାଙ୍କ ଦ୍ୱାରା ଧାର୍ମିକ ପତାକା ଉତ୍ତୋଳନ କରାଯାଇ ମୌଲାନା ମହମ୍ମଦ ସଲମାନ ରଜା ହବିବଙ୍କ ପୌରୋହିତ୍ୟରେ ଫାତିହା ପାଠ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଶ୍ୱବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା। ଏହାପରେ ପରସ୍ପରକୁ ମହମ୍ମଦଙ୍କ ଜୟନ୍ତୀର ଶୁଭେଚ୍ଛା ଜଣାଇଥିଲେ। ଏଥିରେ ମୋହରା ସୁନ୍ନି ମୁସ୍‌ଲିମ କମିଟି ସମ୍ପାଦକ ସହିଦ ଅଲ୍ଲୀ, ଉପସଭାପତି ମହମ୍ମଦ ରଫିକ, ଅବଦୁଲ ହମିଦ୍, ହାଜି ମହମ୍ମଦ ଇସା, ମହମ୍ମଦ ହନିଫ, ମହମ୍ମଦ ସଫିକ ଓ ମୁରାଦ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସମାଜସେବା ପାଇଁ ବୋମାଲି କାନ୍ତାରାଓ ସମ୍ମାନିତ

ରାୟଗଡ଼ା ଅଫିସ, ୧୯।୧୦- ଫ୍ୟୁଚର କଲାମ୍‌ସ ବୁକ୍ ଅଫ୍ ରେକର୍ଡସ ଏବଂ ତାମିଲନାଡୁସ୍ଥିତ ଦି ୟୁନିଭର୍ସାଲ ତାମିଲ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅକ୍ଟୋବର ୧୪ରେ ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବ୍‌ଦୁଲ କଲାମଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ବ୍ୟକ୍ତିବିଶେଷଙ୍କୁ ଡକ୍ଟରେଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଏଥିରେ ଓଡ଼ିଶାରୁ ମଧ୍ୟ ୨ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ତର୍ଜାତୀୟ ମାନବାଧିକାର କାଉନସିଲ୍ ଓଡ଼ିଶା ଶାଖା ସଭାପତି ତଥା ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଆଲୋକ କୁମାର ବୋଷ ଏବଂ ନବଭାରତ ନିର୍ମାଣ ସେବା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ରାୟଗଡ଼ାର ବୋମାଲି କାନ୍ତାରାଓଙ୍କୁ ୟୁନିଭର୍ସାଲ ତାମିଲ ୟୁନିଭର୍ସିଟିର କୁଳାଧିପତି ଏମ୍. ପାଣ୍ଡିଆରାଜନ, ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟର ଅଧକ୍ଷ ଆର୍‌ସଲାଇ ମଲାଇ ଏବଂ ମୁଖ୍ୟ ଅତିଥି ରୂପେ ଚେନ୍ନାଇ ଜିଲା ଜଜ୍ ଏ.କେ.ଏନ୍ ଭାଇଥାଇୟାନାଥମ୍, ଏପିଜେ ଅବଦୁଲ କଲାମ ଅନ୍ତର୍ଜାତୀୟ ଫାଉଣ୍ଡେଶନର ଅଧକ୍ଷ ଏ.ପି.ଜେ.ଏମ୍.ଜେ ଶେଖ ସଲିମ୍ ଏବଂ ୟୁନିଭରସାଲ ଆଚିଭର୍ସ ବୁକ୍ ଅଫ୍ ରେକର୍ଡସ ବାବୁ ବାଲକ୍ରିଷ୍ଣାଙ୍କ ଉପସ୍ଥିତିରେ ବୋମାଳିଙ୍କୁ ଡକ୍ଟରେଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଏଥିସହ ତାଙ୍କୁ ଫ୍ୟୁଚର କଲାମ୍‌ସ ବୁକ୍ ଅଫ୍ ରେକର୍ଡସ୍ ଆୱାର୍ଡରେ ମଧ ସମ୍ମାନିତ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ବୋମାଲିଙ୍କୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ଏହି ଆୱାର୍ଡ ପାଇବା ପରେ ରାୟଗଡ଼ାର ବୁଦ୍ଧିଜୀବୀ ଏବଂ କେତେଜଣ ଖବରଦାତା ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ପରେ ଗର୍ଭନଷ୍ଟ ଅଭିଯୋଗ
### ପ୍ରେମ ନାଁରେ ପ୍ରତାରଣା

ମାଲକାନଗିରି,୧୯।୧୦(ଡି.ଏନ୍.ଏ.)- ମାଲକାନଗିରି ଆଦର୍ଶ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ଗର୍ଭନଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅଞ୍ଚଳର ଜଣେ ଯୁବକ ୩ ବର୍ଷ ତଳେ ନିଜ ଗାଁର ଜଣେ ନାବାଳିକା(୧୭)ଙ୍କୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରେମ ଜାଲରେ ଫସାଇଥିଲେ। ପରେ ନାବାଳିକାଙ୍କ ବାରଣ ସତ୍ତ୍ୱେ ତା' ସହ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ନାବାଳିକା ଜଣକ ଗର୍ଭବତୀ ଥିବା ଜାଣି ଯୁବକ ବୁଝାଶୁଝା କରି ଔଷଧ ଦେଇ ଗର୍ଭନଷ୍ଟ କରାଇଥିଲେ। ଘଟଣା ସମ୍ପର୍କରେ ନାବାଳିକା ତାଙ୍କ ଭାଇଙ୍କୁ ଜଣାଇବା ପରେ ତାଙ୍କ ଭାଇ ମଙ୍ଗଳବାର ଏ ନେଇ ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦେଇଛନ୍ତି। ୪୭୮ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ମାଲକାନଗିରି,୧୯।୧୦ (ଡି.ଏନ୍.ଏ.): ମାଲକାନଗିରି ଜିଲା ମାଥିଲି ବ୍ଲକ ନାୟକଗୁଡ଼ା ଗ୍ରାମର ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗାଁର ବାଗ୍ନା ବାକାଙ୍କ ପୁଅ ବଳରାମ ବାକା। ସୋମବାର ସକାଳେ ସେ କୌଣସି କାରଣରୁ ବିଷ ପିଇ ଛଟପଟ ହେଉଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ପାଣ୍ଡ୍ରିପାଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ମାଲକାନଗିରି ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମୃତ ବଳରାମଙ୍କ ବାପା ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦେଇଛନ୍ତି। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ୬୪/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

ପାରଳାଖେମୁଣ୍ଡି,୧୯।୧୦(ଡି.ଏନ୍.ଏ.)- ଗୋଷାଣୀ ବ୍ଲକ ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମଠାରେ ମଙ୍ଗଳବାର ଲଗାଣ ବର୍ଷା ଯୋଗୁ କାନ୍ଥ ପଡି ଗୁହାଳ ଘର ଭାଙ୍ଗିଯାଇଛି। ଭୋର୍ ପ୍ରାୟ ୩ଟାରେ ଗୁହାଳ କାନ୍ଥ ପଡିଯାଇଥିବାରୁ ଏଥିରେ ଥିବା ଗାଇ ବାଛୁରି ଚିତ୍କାର କରିଥିଲେ। ଗ୍ରାମବାସୀ ତୁରନ୍ତ କାନ୍ଥ ତଳେ ଚାପି ହୋଇ ରହିଯାଇଥିବା ଗାଇ ବାଛୁରୀଙ୍କୁ ଉଦ୍ଧାର କରିଥିଲେ। ଏନେଇ ଗୁରାଣ୍ଡି ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇଥିଲା ଏବଂ ଘଟଣାସ୍ଥଳକୁ ନୂତନ ଭାବେ ଯୋଗଦେଇ ଥିବା ରାଜସ୍ୱ ନିରୀକ୍ଷକ ନିରୀକ୍ଷଣ କରି ଫେରିଛନ୍ତି । କ୍ଷତିଗ୍ରସ୍ତଙ୍କୁ ସରକାରୀ ସାହାଯ୍ୟ ପାଇଁ ୱାର୍ଡ ସଭ୍ୟା ସନ୍ତୋଷି ନାୟକ, ସୁନିତା ପାତ୍ର ପ୍ରମୁଖ ନିବେଦନ କରିଛନ୍ତି।

# ଆଇପିଏଲ୍ ବେଟିଂ ମାମଲାରେ ଆଉ ଜଣେ ଗିରଫ

ମାଲକାନଗିରି,୧୯।୧୦ (ଡି.ଏନ୍.ଏ.)

■୭ଲକ୍ଷ ୩୪ ହଜାର ଟଙ୍କା ଜବତ
■ପୂର୍ବରୁ ୪ ଗିରଫ ହୋଇଥିଲେ

ଆପିଏଲ ମ୍ୟାଚ୍‌ରେ ବେଟିଂ ମାମଲାରେ ମାଲକାନଗିରି ଆଦର୍ଶ ଥାନା ପୋଲିସ ଅକ୍ଟୋବର ୧୬ ରେ ୪ ଯୁବକଙ୍କ ଗିରଫ କରିଥିବାବେଳେ ମଙ୍ଗଳବାର ଏହି ମାମଲାରେ ଆଉ ଜଣଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୭ଲକ୍ଷ ୩୪ ହଜାର ଟଙ୍କା ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଏହି ଅନ୍‌ଲାଇନ୍ ଜୁଆ ଖେଳରେ ସମ୍ପୃକ୍ତ ଥିବା ମାଲକାନଗିରି ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସୁକ୍‌ମା ଜିଲାର ଅନ୍ୟ କେତେଜଣ ବୁକିଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ମାଲକାନଗିରି ଜିଲାର କେତେଜଣ ଯୁବକ ଛତିଶଗଡ଼ ରାଜ୍ୟର ବୁକିଙ୍କ ମାଧ୍ୟମରେ ଅନ୍‌ଲାଇନ୍‌ରେ ଜୁଆଖେଳ ଚଳାଇଥିଲେ। ପୋଲିସ ଘଟଣାର ତଦନ୍ତ କରି ମାଲକାନଗିରି ସହରରୁ ୪ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୯ଲକ୍ଷ ଟଙ୍କା, ୭ ମୋବାଇଲ, ଏଟିଏମ୍ କାର୍ଡ ଏବଂ ୧୮ଲକ୍ଷ ଟଙ୍କା ଜମାଥିବା ବ୍ୟାଙ୍କ ଖାତା ମଧ୍ୟ ଜବତ କରାଯାଇଥିଲା।

# ଜୁଆଆଡ୍ଡାରେ ଚଢ଼ାଉ, ୯ ଜୁଆଡ଼ି ଗିରଫ

**ବିଷମକଟକ,୧୯।୧୦(ଡି.ଏନ୍.ଏ.)**

**ଫଟୋ ଉଠାଇବାରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର**

ରାୟଗଡ଼ା ଜିଲା ବିଷମକଟକ ପୋଲିସ ସୋମବାର ବିଷମକଟକ ସଦରସ୍ଥିତ କରଣ ସାହିରେ ଚାଲିଥିବା ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୯ ଜୁଆଡ଼ିଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୧୦ ହଜାର ୨୮୦ ଟଙ୍କା, ୩ ବାଇକ୍ ଓ ୫ ମୋବାଇଲ ଜବତ କରାଯାଇଥିବା ଜଣାପଡ଼ିଛି। ତେବେ ଉକ୍ତ ଘଟଣାକୁ ନେଇ ଗଣମାଧ୍ୟମ ପ୍ରତିନିଧି ଥାନାକୁ ଖବର ସଂଗ୍ରହ ପାଇଁ ଯାଇଥିବାବେଳେ ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରିଛି। ଜୁଆଆଡ୍ଡାରେ ଚଢ଼ାଉ କରି ୯ ଜୁଆଡ଼ିଙ୍କୁ ଗିରଫ କରିଥିବା ପୋଲିସ କହୁଥିବାବେଳେ ଥାନାଧିକାରୀ ଏବଂ ଏସ୍‌ଆଇ ଫଟୋ ଉଠାଇବାକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ କାହିଁକି ବାରଣ କରୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ଘଟଣା ପ୍ରଥମ ନୁହେଁ, କିଛି ଦିନ ତଳେ ମଧ ଗଣମାଧମ ପ୍ରତିନିଧିଙ୍କୁ ଏଭଳି ଦୁର୍ବ୍ୟବହାର କରାଯାଇଥିବାବେଳେ ଏ ନେଇ ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ପୁଣି ଏଭଳି ଦୁର୍ବ୍ୟବହାରକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଗଣମାଧମ ପ୍ରତିନିଧିମାନେ ଦାବି କରିଛନ୍ତି।

### ଗଜଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା



ଗୁଣପୁର,୧୯।୧୦(ଡି.ଏନ୍.ଏ)–ରାୟଗଡ଼ା ଜିଲା ଗୁଣପୁରଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ମଙ୍ଗଳବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ସହରରେ ଚଳିତ ଥର ୩ ସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି। ଗୁଣପୁର ବ୍ଲକ ଅଫିସ ସମ୍ମୁଖ, ଷ୍ଟେଶନ ରୋଡ୍ ଏବଂ ବିବିଏନ୍ ପୂଜା କମିଟି ପକ୍ଷରୁ ମାଁଙ୍କ ପୂଜାର ଆୟୋଜନ କରାଯାଇଛି । ମରାଠିଗୁଡ଼ାସ୍ଥିତ ବ୍ଲକ ଅଫିସଠାରେ ୯ ଦିନ ମାଁଙ୍କ ପୂଜା ହେବାକୁ ଥିବାବେଳେ ବିବିଏନ ପୂଜା କମିଟି ପକ୍ଷରୁ ୭ ଦିନ ଏବଂ ଷ୍ଟେଶନ ରୋଡ୍‌ଠାରେ ୫ ଦିନ ବ୍ୟାପି ପୂଜା ପାଳନ ହେବ । ମରାଠିଗୁଡ଼ା ପୂଜାରେ ଜାଗୃତି ସାଂସ୍କୃତିକ ସଙ୍ଗଠନର ସଭାପତି ମନୋରଞ୍ଜନ ରଥ, ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, କର୍ତ୍ତା ସୂର୍ଯ୍ୟ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ମଙ୍ଗଳବାର ବଂଶଧାରା ନଦୀର ତୀରରେ ପୂଜକ ଗଙ୍ଗା ଆବାହନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଜଗନ୍ନାଥ ମନ୍ଦିରରେ ଥିବା ମହାଲକ୍ଷ୍ମୀଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇଥିଲା । ମହିଳାମାନେ ଏହି କଳସ ଯାତ୍ରାରେ ସାମିଲ ହୋଇଥିଲେ। ସରକାରୀ ନିୟମ ପ୍ରକାରେ ପୂଜା ଅନୁଷ୍ଠିତ ହେଉଛି।

# ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ

**ଚିତ୍ରକୋଣ୍ଡା/ମାଲକାନଗିରି, ୧୯।୧୦(ଡି.ଏନ୍.ଏ.)**


କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀ।

**ବିଜେଡିର ପ୍ରସ୍ତୁତି ବୈଠକ**

ପଞ୍ଚାୟତ ନିର୍ବାଚନକୁ ନେଇ ପ୍ରମୁଖ ରାଜନୈତିକ ଦଳ ସକ୍ରିୟ ହୋଇଛନ୍ତି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ପାପରମେଟେଲା ପଞ୍ଚାୟତ ଜନ୍ତାପାଇଠାରେ ବିଜେଡିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ପଞ୍ଚାୟତ, ଗାଁ ଏବଂ ବୁଥ୍ ସ୍ତରରେ କିପରି ଦଳୀୟ ସଙ୍ଗଠନକୁ ମଜବୁତ କରାଯିବ ସେ ନେଇ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ୧୦ ପଞ୍ଚାୟତର ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ୧୦ ପଞ୍ଚାୟତର ସଭାପତି, ଉପସଭାପତି, ଯୁବନେତା ମହେଶ ବାକା, ପିତାମ୍ବର ଖେମୁଡୁ, ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଅମିତ ଅଗ୍ରୱାଲ, ମଦନ ଖୋସଲା, ସୋମନାଥ ବାରସେ ଉପସ୍ଥିତ ଥିଲେ। ଦଳରେ ସମସ୍ତ କର୍ମୀ ଏକତାର ସହ କାର୍ଯ୍ୟ କରିବା ସହ ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ।

### ନାବାଳିକାକୁ ଅସଦାଚରଣ ଅଭିଯୋଗ, ଜଣେ ଗିରଫ

**ଜି.ଉଦୟଗିରି,୧୯।୧୦(ଡି.ଏନ.ଏ.)**

ଜି.ଉଦୟଗିରି ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅସଦାଚରଣ ଅଭିଯୋଗରେ ମଙ୍ଗଳବାର ଉକ୍ତ ଗ୍ରାମର ବିକୁନା ପ୍ରଧାନଙ୍କୁ ପୋଲିସ ଗିରଫ କରି ଫୁଲବାଣୀ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଏ ନେଇ ନଂ. ୯୮/୨୧ରେ ମାମଲା ରୁଜୁ ହୋଇଛି। ଗତ ରବିବାର ଘରେ ନାବାଳିକା ଏକୁଟିଆ ଥିବା ସମୟରେ ଅଭିଯୁକ୍ତ ତାଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣକ ପାଟି କରିବାରୁ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲେ।

# ୧୯୯୭ ତାଲିକା ଅନୁଯାୟୀ ଜିଲା ପରିଷଦ ଆସନ ସଂରକ୍ଷଣ ହେଉ

**ରାୟଗଡ଼ା ଅଫିସ,୧୯।୧୦**

**୩ ଆସନରେ ଅନୁସୂଚିତ ଜାତିଙ୍କୁ ଉପେକ୍ଷା ଅଭିଯୋଗ**

ରାୟଗଡ଼ା ଜିଲାରେ ୧୯୯୭ରୁ ଜିଲା ପରିଷଦ ନିର୍ବାଚନ ହୋଇ ଆସୁଥିବା ବେଳେ ୨୦୨୨ରେ ହେବାକୁ ଥିବା ନିର୍ବାଚନରେ ଜିଲାର ୩ ଜିଲା ପରିଷଦ ଆସନରେ ଅନୁସୂଚିତ ଜାତି(ଏସ୍‌ସି) ପ୍ରାର୍ଥୀଙ୍କୁ ଉପେକ୍ଷା କରାଯାଇଥିବା ନେଇ ରାୟଗଡ଼ା ବ୍ଲକ ଅନୁସୂଚିତ ଜାତି ଓ ବୁଦ୍ଧିଜୀବୀ ସମାଜ ପକ୍ଷରୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ଜିଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଜିଲାରେ ଥିବା ୨୨ ଜିଲା ପରିଷଦ ଜୋନ୍ ମଧ୍ୟରୁ ଅନୁସୂଚିତ ଜନଜାତି ପାଇଁ ୧୩, ଅନୁସୂଚିତ ଜାତି ପାଇଁ ୩ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ୬ ଆସନ ସଂରକ୍ଷିତ ରହିଛି। ତେବେ ୧୯୯୭ରୁ ୨୦୧୭ ମଧ୍ୟରେ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହୋଇଥିବା ୫ ନିର୍ବାଚନରେ ନିର୍ବାଚନ ମଣ୍ଡଳିର ଅନୁସୂଚିତ ଜାତିର ଶତକଡ଼ା ହାର ଅନୁଯାୟୀ ସଂରକ୍ଷଣ ୧୫ଟି ଆସନରେ ବିଭିନ୍ନ ଜୋନ୍‌ରେ ଅନୁସୂଚିତ ଜାତି ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିବାର ସୁଯୋଗ ପାଇଥିଲେ ଏବଂ ପରବର୍ତ୍ତୀ ନିର୍ବାଚନ ମାନଙ୍କରେ ବଳକା ୭ ଆସନରେ ପର୍ଯ୍ୟାୟ କ୍ରମେ ନିର୍ବାଚନ ଲଢ଼ିବାର ସେହି ଜୋନର ପ୍ରାର୍ଥୀ ସୁଯୋଗ ପାଇଥାନ୍ତେ। ୨୦୧୭ ଜିଲା ପରିଷଦ ନିର୍ବାଚନରେ ଏସ୍‌ସିଙ୍କ ଶତକଡା ହାରରେ ର୍‍ୟାଙ୍କ ନମ୍ବର ୧୫ରେ ଥିବା ପଦ୍ମପୁର ବ୍ଲକ 'ଖ'ଜୋନରେ ସଂରକ୍ଷଣ ନ କରି ପଦ୍ମପୁର ବ୍ଲକ 'କ'ଜୋନରେ ର୍‍ୟାଙ୍କ ନମ୍ବର ୧୬ରେ ଏସ୍‌ସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ତେବେ ଅକ୍ଟୋବର ୧ରେ ପ୍ରକାଶ ପାଇଥିବା ଗାଇଡ୍‌ଲାଇନ୍ ଏବଂ ୮ରେ ରାୟଗଡ଼ା ଜିଲାପାଳଙ୍କ ଦ୍ୱାରା ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାରେ ୧୯୯୭ ନିର୍ବାଚନ ସଂରକ୍ଷଣ ତାଲିକାକୁ ବାଦ୍‌ଦେଇ ୨୦୦୨ରୁ ୨୦୧୭ ପର୍ଯ୍ୟନ୍ତ ନିର୍ବାଚନ ଆଧାରରେ ସଂରକ୍ଷଣ ତାଲିକା ପ୍ରସ୍ତୁତ କରାଯାଇଛି। ଫଳରେ ୨୦୨୨ରେ ହେବାକୁ ଥିବା ଜିଲା ପରିଷଦ ନିର୍ବାଚନରେ ଏସ୍‌ସି ଶତକଡ଼ା ହାର ଅନୁଯାୟୀ ର୍‍ୟାଙ୍କ ନମ୍ବର ୧୫ ପଦ୍ମପୁର ବ୍ଲକ 'ଖ', ରାୟଗଡ଼ା ବ୍ଲକ ର୍‍ୟାଙ୍କ ନମ୍ବର୧୭ରେ ଥିବା 'କ'ଜୋନ ଏବଂ ର୍‍ୟାଙ୍କ ନମ୍ବର ୧୮ରେ ଥିବା 'ଖ'ଜୋନରେ ଏସ୍‌ସିଙ୍କ ପାଇଁ ଆସନ ସଂରକ୍ଷିତ ହୋଇ ପାରିନାହିଁ । ମୋଟ ୨୨ଟି ଆସନ ରୋଟେସନ ପଦ୍ଧତିରେ ସଂରକ୍ଷଣ ଶେଷ ହେବା ପରେ ମୂଳ ନମ୍ବର ୧କୁ ଆସିବା ପରିବର୍ତ୍ତେ ଅଧାରୁ ସଂରକ୍ଷଣ ବନ୍ଦ କରି ୧ନମ୍ବର ର୍‍ୟାଙ୍କ ମୁନିଗୁଡ଼ା ବ୍ଲକର 'କ', ୨ନମ୍ବର ର୍‍ୟାଙ୍କ କାଶିପୁର ବ୍ଲକର 'କ' ଏବଂ ର୍‍ୟାଙ୍କ ନମ୍ବର ୪ରେ ଥିବା କାଶିପୁର ବ୍ଲକର'ଖ'ଜୋନ୍‌ରେ ଏସ୍‌ସିଙ୍କ ପାଇଁ ସଂରକ୍ଷଣ କରାଯାଇଛି । ଯାହାକି ପୂର୍ବରୁ ମଧ୍ୟ ଏହି ଆସନ ସଂରକ୍ଷିତ ରହିଥିଲା । ଏବେ ସେମାନେ ଦ୍ୱିତୀୟ ଥର ଏହି ଜୋନରେ ଆସନ ସଂରକ୍ଷଣର ସୁଯୋଗ ପାଇଛନ୍ତି। ଫଳରେ ରାୟଗଡ଼ା ବ୍ଲକର ର୍‍ୟାଙ୍କ ନମ୍ବର ୧୭ରେ ଥିବା 'କ' ଏବଂ ୧୮ରେ ଥିବା 'ଖ'ଜୋନ୍‌ରେ ଏସ୍‌ସି ସଂପ୍ରଦାୟ ପ୍ରାର୍ଥୀ ନିର୍ବାଚନରେ ଭାଗ ନେବାରୁ ବଞ୍ଚିତ ହେବେ। ତାଙ୍କର ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହେବା ସହ ଅନ୍ୟାୟ ହେବ ବୋଲି ଅଭିଯୋଗ କରାଯାଇଛି। ତେଣୁ ଏହାର ପୁର୍ନବିଚାର କରି ୧୯୯୭ ତାଲିକା ଅନୁଯାୟୀ ସଂରକ୍ଷଣ ତାଲିକା ପ୍ରସ୍ତୁତ କରିବା ଏବଂ ରାୟଗଡ଼ା ବ୍ଲକର 'କ' ଏବଂ 'ଖ' ଜୋନ୍‌ରେ ଏସ୍‌ସିଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ଅନୁସୂଚିତ ଜାତି ଏବଂ ବୁଦ୍ଧିଜୀବୀ ସମାଜର ସୁଶାନ୍ତ କୁମାର ଖୋସଲା, କପୁର ହଲବା, ସୁଧାକର କରକରିଆ, ମୁକେଶ ଯାଦବ, ପବିତ୍ର ପାଣି, ବିଶମ୍ବର ଖରା, ହୃଷି କୁଲଦୀପ, ପ୍ରଶାନ୍ତ ଖୋସଲା, ଅନନ୍ତ ଗରଡ଼ା ଓ ଅନ୍ୟମାନେ ଦାବି ଜଣାଇଛନ୍ତି।

### ଟ୍ରକ୍ ଚୋରିକରି ଫେରାରବେଳେ ଜଣେ ଗିରଫ

କାଳିମେଳା,୧୯।୧୦(ଡି.ଏନ୍.ଏ)–

ମାଲକାନଗିରି ଜିଲା କାଲିମେଳା ଥାନା ଅଞ୍ଚଳରୁ ସୋମବାର ଅପରାହ୍ନରେ କେତେଜଣ ଦୁର୍ବୃତ୍ତ ଏକ ଟ୍ରକ ଚୋରିକରି ଫେରାର ହୋଇଥିଲେ। ଅଭିଯୋଗ ପରେ କାଲିମେଳା ପୋଲିସ ତୁରନ୍ତ ପଦକ୍ଷେପ ନେଇ ମାଥିଲି ଅଞ୍ଚଳରୁ ଟ୍ରକ୍‌ଟିକୁ ଠାବ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏମ୍‌ଭି–୭୦ ଗ୍ରାମର କ୍ଷୀରୋଦ କୁମାର ସାହୁ। ସୂଚନା ଅନୁଯାୟୀ ଦୁର୍ବୃତ୍ତମାନେ କାଲିମେଳାରୁ ଟ୍ରକ ଚୋରି କରିଥିଲେ। ଏ ନେଇ କାଲିମେଳାର ବି. ମହେଶ କୁମାର ଥାନାରେ ଅଭିଯୋଗ କରିଥିଲେ। ବିଭିନ୍ନ ଚେକ୍‌ପୋଷ୍ଟରେ ଯାଞ୍ଚ କରି ଟ୍ରକ୍‌କୁ ଜବତ କରାଯାଇଥିବା ଥାନାଧିକାରୀ ଜଗଦୀଶ ବାରା ସୂଚନା ଦେଇଛନ୍ତି।

### ୨୫ ୟୁନିଟ ରକ୍ତ ସଂଗ୍ରହ

**କାଲିମେଳା,୧୯।୧୦(ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ଚିତ୍ରାଙ୍ଗପାଲି ପଞ୍ଚାୟତର ଏମ୍‌ଭି–୫୫ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ଏମଭି–୫୫ ମେଡିକାଲର ଡ଼ାକ୍ତର ରାଧେଶ୍ୟାମ ଜେନା ଉଦ୍‌ଘାଟନ କରିବା ସହ ସହଯୋଗ କରିଥିଲେ। ସେହିପରି ଜିଲା ପରିଷଦ ସଭ୍ୟା ପ୍ରମିଳା ଦାସ, ଉତ୍ତମ ରାୟ, ଆରଏସଏସ କର୍ମୀ ଭବାନୀ ମୁଖାର୍ଜୀ, ଜୀବନ କୃଷ୍ଣ ଦାସ, ନିମାଇ ପାଲ, ଦୁଃଶାସନ ମହାପାତ୍ର ଓ ନାରାୟଣ ସରକାର ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ମାଲକାନଗିରି ରକ୍ତ ଭଣ୍ଡାରରୁ ସୁଜଳ ରାୟ ଏବଂ ସହଯୋଗୀ କୈଳାସ ନାୟକ ରକ୍ତ ସଂଗ୍ରହ କରିଥିଲେ।

**QUOTATION/TENDER CALL NOTICE**
**JANATA COLLEGE, BOINDA**
Sealed Quotation/Tender are invited from interested parties / firms having TIN/PAN No./ Registration No., Valid GST and other relevant documents for supply of Book Racks to Janata College, Boinda, Dist.- Angul. Details of terms and conditions, description of item and other eligibility criteria are available in the website: www.janatacollegeboinda.org.
Sd./- Principal, Janata College, Boinda
Mob.: 9437331225

**OFFICE OF THE PROJECT LEADER, BONDA DEVELOPMENT AGENCY, MUDULIPADA**
Letter No.110/2021 Dated 16.10.2021
**Corrigendum of Tender Call Notice No.02/2021-22**
With reference to this office tender call Notice No. 02/2021-22 vide this office Letter No.103 dated 07.10.2021 published in the local newspaper Pragativadi on 11.10.2021 and Dharitri on dated 12.10.2021 is hereby rescheduled as follows. The intending bidders are requested to put their tender.
1. Sale of tender papers is extended upto 1.11.2021 (5.00 P.M.)
2. Receipt of sealed tender papers by Registered Post upto 2.11.2021 (5.00 P.M.)
3. Opening of tender paper on dated 3.11.2021 at 11.30 A.M.
4. All the other conditions will remain as usual.

| | |
|---|---|
| Name of the work | 1. Const. of Minor Bridge at Goiguda. 2. Const. of Minor Bridge near Sonuguda village with Guard wall. 3. Const. of Hostel Building (1-floor) at Boys Education Complex, Mundiguda. 4. Ghat Cutting road and const. of Guard Wall from Tagabeda to Palkaguda with G. Wall. 5. Ghat Cutting road with Guard wall, Culvert and Minor Bridge from Pindajanagar to Kitchapada. 6. Improvement of road from Kadaguda to Baraguda road with 01 No. Minor Bridge (06m span) and small culvert. |
| No. of works | 06 |
| Estimated cost | As laid down in the DTCN |
| Amount put to tender | As laid down in the DTCN |
| Tender paper cost | As laid down in the DTCN |
| EMD amount required | 1% of the amount put to tender (As laid down in the DTCN) |
| Period of completion | As laid down in the DTCN for each work |
| Date & time for receipt of tender paper by R.P. | Till 02.11.2021 upto 5.00 P.M. |
| Date of opening of tender | 03.11.2021 at 11.30 A.M. |
| Further details can be seen from the portal www.malkangiri.nic.in | |

Sd./- Project Leader, B.D.A., Mudulipada

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At:Ichhapur, Post : Shree Baladevjew
Email: eerwsskendrapara@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No. RWS/ 42 /2021-22**
No. O-837:- Letter No. 5014 / Dated. 11.10.2021

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in single cover system in ONLINE MODE from eligible contractors for sinking of different 200 mm dia Production well for different Rural Piped Water Supply Schemes in Kendrapara District. | | |
| 2 | Name of the work | : | Sinking of 200 mm dia Production well through Mud Rotary Rig for different RPWS Schemes in Kendrapara district |
| 3 | No. of Work | : | 11 Nos. (Eleven) only |
| 4 | Value of the Work | : | Rs.5.91 Lakhs to Rs.6.30 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | Rs.4000.00 |
| 7 | Class of Bidder | : | " D" and "C" |
| 8 | Period of Completion | : | 45 days |
| 9 | Availability of bid documents in the website | : | From date. 25.10.2021 at 10.00 A.M to date. 08.11.2021, 5.30 P.M. |
| 10 | Last Date & time of seeking tender clarification | : | Upto 03.11.2021 upto 5.30 P.M. |
| 11 | Date of oening of bid | : | 09.11.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.
Subsequent corrigendum / addendum if required shall only be appeared in the above website.
Sd./- Executive Engineer, RWS&S Division, Kendrapara
OIPR-25004/11/0019/2122

NATION TAX MARKET GST
COMMISSIONERATE OF CT & GST (Under Finance Department; GOVERNMENT OF ODISHA)
No. S-18
**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**
**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**
- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

Help Desk: 1800-345-6753 (Toll Free)
email: ctdho@odishatax.gov.in
ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122

